ଫେବୃୟାରୀ – ୨୦୦୫

# STREAM

## ନୀତି ସଂକ୍ଷିପ୍ତ ସାର

www.streaminitiative.org

ସଂକ୍ଷେପରେ

**ସଂଖ୍ୟା ୧**

**ଏହା କେଉଁ ବିଷୟରେ ?**
ଲୋକମାନେ ନୀତି ପରିବର୍ତ୍ତନରେ ରାଜି ହେଉଛନ୍ତି।

**ଏହା ପଢ଼ନ୍ତୁ ଯଦି....**
ଆପଣ ନୀତି ପରିବର୍ତ୍ତନ କରିବା ପାଇଁ ଚାହାନ୍ତି।

**ଏଥିରେ ସମ୍ମିଳିତ ଅଛି:**

- ଜୀବିକା ନିର୍ବାହନର ପ୍ରସଙ୍ଗକୁ ବୁଝିବା ଯାହା ପାଇଁ ନୀତି କାର୍ଯ୍ୟକାରୀ ହେବ।
- ବର୍ତ୍ତମାନ ନୀତି ସମ୍ବନ୍ଧରେ ସେମାନଙ୍କର ମତାମତ ଏବଂ ପରିବର୍ତ୍ତନ ପାଇଁ ସୁପାରିଶ ଗୁଡ଼ିକୁ ସେହିସବୁ ଲୋକମାନଙ୍କ ପାଖରୁ ସଂଗ୍ରହ କରିବା, ଯେଉଁମାନେ କି ନୀତି ଏବଂ ସେବା ଗ୍ରହଣକାରୀ।
- ନାଟକ, ଅଧ୍ୟୟନ, ଘଟଣା, କାର୍ଯ୍ୟଶାଳା ଓ ଅନ୍ୟାନ୍ୟ ସ୍ଥାନରୁ ପ୍ରାପ୍ତ ଶିକ୍ଷା ସାହାଯ୍ୟରେ ଧାରଣା ଗୁଡ଼ିକର ଆଦାନ ପ୍ରଦାନ କରିବା
- ନୀତି ପରିବର୍ତ୍ତନ ପାଇଁ ଏକମତ ଗଠନ

"ପଦାଧିକାର ପଦ୍ଧତିକୁ ପରିତ୍ୟାଗ କରି ସିଦ୍ଧାନ୍ତ ଗ୍ରହଣ କରିବାରେ"

"ପୁନଃରୁକ୍ତ ଅବଦାନ ଏବଂ ଯତ୍ନଶୀଳ ମତାମତ ସହିତ ଅଂଶଗ୍ରହଣ କରିବାରେ ସାହାଯ୍ୟ କରେ"

"ଦଳର ପ୍ରତିକ୍ରିୟା ଗୁଡ଼ିକ ତୁଳନା କରି, ଅନୁରୂପ ପ୍ରତିକ୍ରିୟାର ସଂଖ୍ୟା ଦେଖି ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେବା"

ଏହା ନିୟମ ସମ୍ମତ ଭାବରେ ଅଥବା ନିୟମ ସମ୍ମତ ବିନା, ବଡ଼ ଅଥବା ଛୋଟ ଦଳରେ କାର୍ଯ୍ୟ କରେ।

ଏହା ନୀତି ତିଆରୀ କ୍ଷେତ୍ରରେ ଲୋକ ମାନଙ୍କର ବକ୍ତବ୍ୟକୁ ସାମନାରେ ଟେକି ଧରିବାରେ ସାହାଯ୍ୟ କରେ ଏବଂ ନୀତି ନିର୍ଦ୍ଧାରକ ଓ ରୂପାୟନକାରୀ ମାନଙ୍କୁ ଏହି ନୂତନ ଧାରଣା ଗୁଡ଼ିକ ବିଷୟରେ ସମାଲୋଚନା କରିବାର ସୁଯୋଗ ଦିଏ।

ଏହା ସିଦ୍ଧାନ୍ତ ନେବା ପାଇଁ ନୀତି ପରିବର୍ତ୍ତନ କ୍ଷେତ୍ରରେ ଯଥାଯଥ ଅଗ୍ରଗନ୍ୟତାର ସୁଯୋଗ ଦିଏ।

ଏକ ସଂକ୍ଷିପ୍ତ ସାର...

# ଏକମତ ଗଠନ

... ଦୁଇ ପୃଷ୍ଠାରେ ଅଥବା ସେଥିରୁ କମ୍

**ଯଦି ଆପଣ ଏହି ନୀତି ସଂକ୍ଷିପ୍ତ ସାର ପଢ଼ି କିଛି ଗୋଟିଏ କରିବା ପାଇଁ ଚାହାନ୍ତି ତେବେ କରନ୍ତୁ...**

ନୀତି ଏବଂ ସେବା ଗ୍ରହଣକାରୀ ମାନଙ୍କୁ ନୀତି ପରିବର୍ତ୍ତନର ସୁପାରିଶ କରିବା ପାଇଁ ସକ୍ଷମ କରନ୍ତୁ ଏବଂ ପରିବର୍ତ୍ତନ କରିବା ପାଇଁ ନୀତି ନିର୍ଦ୍ଧାରକ ଏବଂ ରୂପାୟନକାରୀ ମାନଙ୍କ ମଧ୍ୟରେ ଏକମତ ଗଠନ କରନ୍ତୁ।

## ସଂକ୍ଷିପ୍ତ ସାର...

କାର୍ଯ୍ୟକାରୀ ନୀତି ତିଆରି କରିବା ପାଇଁ ଜୀବିକା ନିର୍ବାହନ ପ୍ରସଙ୍ଗକୁ ଆମ୍ଭମାନଙ୍କୁ ଭଲ ଭାବରେ ବୁଝିବା ପାଇଁ ହେବ ଯାହା ପାଇଁ ନୀତି କାର୍ଯ୍ୟକାରୀ ହେବ।

ଲୋକମାନଙ୍କ ପାଖରେ ଥିବା ସମ୍ପଦ ଓ ବିଭିନ୍ନ ପ୍ରକାରରେ ତାର ବ୍ୟବହାର, ସେମାନଙ୍କର ଦରିଦ୍ରତା ଏବଂ ତାକୁ ସହ୍ୟ କରିବାର କ୍ଷମତା ଏବଂ କିପରି ଭାବରେ ନୀତି ଗୁଡ଼ିକ ଲୋକମାନଙ୍କର ଜୀବିକା ନିର୍ବାହନ ଉଦ୍ଦେଶ୍ୟରେ ସବୁଠାରୁ ଭଲ ଭାବରେ ସାହାଯ୍ୟକାରୀ ହୋଇ ପାରିବ ତାହା ଶୀଘ୍ର ବୁଝିବା ସମ୍ଭବ ନୁହେଁ ଏବଂ ସହଜ ମଧ୍ୟ ନୁହେଁ। ଏହି ସମସ୍ତ ବିଷୟ ଆମେ ସେମାନଙ୍କ ପାଖରୁ ଭଲ ଭାବରେ ବୁଝି ପାରିବୁ ଯେଉଁମାନେ ନୀତି ଏବଂ ସେବାର ଗ୍ରହଣକାରୀ। ସେମାନଙ୍କ ସହିତ ବିଶ୍ୱସ୍ତତାର ସମ୍ପର୍କ ତିଆରି କରିବା ପାଇଁ ଏବଂ ଏହି ସମସ୍ତ କଥା ବୁଝିବାରେ ସାହାଯ୍ୟ ପାଇଁ ବିଭିନ୍ନ କଳା କୌଶଳ, ସମ୍ପଦ ଏବଂ ଶିକ୍ଷଣ ରହିଛି।

ଲୋକମାନଙ୍କ ଜୀବନ ସମ୍ବନ୍ଧରେ ବୁଝିବା ସଙ୍ଗେ ସଙ୍ଗେ, ଆମ୍ଭେମାନେ ସେମାନଙ୍କ ପାଖରୁ ବର୍ତ୍ତମାନ ନୀତି ଏବଂ ସେବା ସମ୍ବନ୍ଧରେ ସେମାନଙ୍କର ଅଭିଜ୍ଞତା ଜାଣି ପାରିବା ଏବଂ ପରିବର୍ତ୍ତନ ପାଇଁ ସେମାନଙ୍କର ମତାମତ ଏବଂ ସୁପାରିଶ ଗୁଡ଼ିକୁ ସଂଗ୍ରହ କରି ପାରିବୁ।

ନୀତି ନିର୍ଦ୍ଧାରକ ଓ ରୂପାୟନକାରୀ ଏବଂ ସ୍ଥାନୀୟ ଗୋଷ୍ଠୀମାନଙ୍କ ମଧ୍ୟରେ ଅନେକ ସମୟରେ ଯଥେଷ୍ଟ ପାର୍ଥକ୍ୟ ଥାଏ, ଯେତେବେଳେ ନୀତି ଗୁଡ଼ିକ ସେମାନଙ୍କର ସାହାଯ୍ୟ ପାଇଁ ବନା ଯାଇଥାଏ। ସେମାନଙ୍କ ମଧ୍ୟରେ ଯୋଗାଯୋଗ କ୍ଷେତ୍ରରେ ଭାଷା ସମ୍ବନ୍ଧୀୟ, ସାଂସ୍କୃତିକ ଏବଂ ସାମାଜିକ ଅର୍ଥନୈତିକ ବାଧା ଥାଏ। ଶୀଘ୍ର ତଥ୍ୟ ଆଦାନ ପ୍ରଦାନର ବିଶେଷ ପଦ୍ଧତି ରହିଛି, ଉଦାହରଣସ୍ୱରୂପ, କୃଷକ ଏବଂ ମତ୍ସ୍ୟ କୃଷକ ମାନଙ୍କର ଜୀବନଯାପନକୁ ଚିତ୍ର ମାଧ୍ୟମରେ ଧରି ରଖିବାରେ ସାହାଯ୍ୟ କରିବା ଅଥବା ଅଧ୍ୟୟନ ଘଟଣା ଉପରେ ପଥ-ନାଟିକା ପ୍ରସ୍ତୁତ କରିବାର ଭାର ଗ୍ରହଣ କରିବା ଏବଂ ଏହାପରେ ନୀତି କାର୍ଯ୍ୟଶାଳାରେ ଏହି ସମସ୍ତ ବିଷୟରେ ପ୍ରଦର୍ଶନ ଦ୍ୱାରା ଏକ ପରିଷ୍କାର ବକ୍ତବ୍ୟକୁ ସାମନାକୁ ଅଣାଯାଇ ପାରିବ ଏବଂ ତା ସହିତ ଅନ୍ୟାନ୍ୟ ସ୍ଥାନରୁ ପ୍ରାପ୍ତ ଶିକ୍ଷାର ଆଦାନ ପ୍ରଦାନ ହେବ।

- ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ଯାଆନ୍ତୁ ଏବଂ ଜୀବିକା ନିର୍ବାହନର ପ୍ରସଙ୍ଗକୁ ବୁଝନ୍ତୁ ଯାହା ପାଇଁ ନୀତି କାର୍ଯ୍ୟକାରୀ ହେବ।
- ବର୍ତ୍ତମାନ ନୀତିର ସମ୍ବନ୍ଧରେ ସେମାନଙ୍କର ମତାମତ ଏବଂ ପରିବର୍ତ୍ତନ ପାଇଁ ସୁପାରିଶ ଗୁଡ଼ିକୁ ସେହିସବୁ ଲୋକମାନଙ୍କ ପାଖରୁ ସଂଗ୍ରହ କରନ୍ତୁ, ଯେଉଁମାନେ କି ନୀତି ଏବଂ ସେବା ଗ୍ରହଣକାରୀ।
- ପୁଣି ନାଟକ, ଅଧ୍ୟୟନ ଘଟଣା, କାର୍ଯ୍ୟଶାଳା, ଅନ୍ୟାନ୍ୟ ସ୍ଥାନରୁ ପ୍ରାପ୍ତ ଶିକ୍ଷାର ଧାରଣାଗୁଡ଼ିକୁ ଆଦାନପ୍ରଦାନ କରନ୍ତୁ।

→ ଏହି ଗୁଡ଼ିକ ପ୍ରଧାନ ବିଷୟ ଯାହା, ନୀତି କେଉଁ ପ୍ରସଙ୍ଗ ପାଇଁ କାର୍ଯ୍ୟକାରୀ, କେଉଁ ବର୍ତ୍ତମାନ ନୀତିର ଘାଟତି ରହିଛି, ପରିବର୍ତ୍ତନ ପାଇଁ ସୁପାରିଶ ଗୁଡ଼ିକ ବୁଝିବା ପାଇଁ ସାହାଯ୍ୟ କରେ।

## ସଂକ୍ଷିପ୍ତ ସାର... ନୀତିର ପରିବର୍ତ୍ତନ ପାଇଁ ଏକମତ ଗଠନ

ସୁପାରିଶରୁ ନୀତିର ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଆବଶ୍ୟକ ଆଲୋଚନା ଏବଂ ଏକମତ ଗଠନ। ଏକମତ ଗଠନର ପ୍ରକ୍ରୀୟା ଗୋଟିଏ ରାଜନୀତିକ ଅଥବା ଆବେଗପୂର୍ଣ୍ଣ ପରିବେଶରେ ସିଦ୍ଧାନ୍ତ ଗ୍ରହଣ କରିବାରେ ସାହାଯ୍ୟ କରେ। ପୁଣି ସେହି ସିଦ୍ଧାନ୍ତ ଗ୍ରହଣ ସମୟରେ ଉଠୁଥିବା କଡ଼ା ବିରୋଧକୁ ପ୍ରଭାବିତ କରେ, ଦଳଗତ ସିଦ୍ଧାନ୍ତର ଉପକାରୀତାର ବ୍ୟବହାରରେ କିଛି ଅସୁବିଧାକୁ ପରିହାର କରାଯାଏ।

- ପରିବର୍ତ୍ତନ ପାଇଁ ଏକମତ ଗଠନ

ଏକଦଳ ନୀତି ନିର୍ଦ୍ଧାରକ ଏବଂ ରୂପାୟନକାରୀ ମାନଙ୍କର (ରାଷ୍ଟ୍ରୀୟ, ପ୍ରାଦେଶିକ ଏବଂ ସ୍ଥାନୀୟ ସ୍ତରରେ) ସମବେତ ହେବା। ଯେଉଁଠାରେ ଦଳର ପ୍ରତ୍ୟେକ ସଦସ୍ୟ ଦଳର ଅନ୍ୟ ସଦସ୍ୟ ମାନଙ୍କୁ ଜାଣିବେ, କିନ୍ତୁ ସେମାନେ ପୃଥକ ଭାବରେ କାର୍ଯ୍ୟ କରିବେ, ତଥ୍ୟ ପ୍ରଦାନ କରିବେ ଏବଂ ମଧ୍ୟସ୍ତ ବ୍ୟକ୍ତି ସାହାଯ୍ୟରେ ବେନାମୀ ଭାବରେ ସିଦ୍ଧାନ୍ତ ଗ୍ରହଣ କରିବେ।

ମଧ୍ୟସ୍ତ ବ୍ୟକ୍ତି ନୀତି ପରିବର୍ତ୍ତନ ପାଇଁ ପ୍ରସଙ୍ଗ ଏବଂ ମନୋନୟନ ସମ୍ବନ୍ଧିତ ତଥ୍ୟ ପ୍ରଦାନ କରନ୍ତି (ଯାହା ନୀତି ଏବଂ ସେବା ଗ୍ରହଣକାରୀ ମାନଙ୍କ ପାଖରୁ ପ୍ରାପ୍ତ ହୋଇଥାଏ) ପ୍ରତ୍ୟେକ ଅଂଶ ଗ୍ରହଣକାରୀଙ୍କୁ କହନ୍ତି, ନୀତି ପରିବର୍ତ୍ତନ ପାଇଁ ମନୋନୟନ ତାଲିକା ଶ୍ରେଣୀବଦ୍ଧ କରିବା ପାଇଁ ସମସ୍ତଙ୍କର ସିଦ୍ଧାନ୍ତ ବା ପ୍ରତିକ୍ରିୟାଗୁଡ଼ିକୁ ପରସ୍ପର ସହିତ ମିଳାଇ ଦେଖନ୍ତି, ତାପରେ ବେନାମୀ ଦଳର ପ୍ରତିକ୍ରିୟା ଗୁଡ଼ିକୁ ପ୍ରତ୍ୟେକଙ୍କୁ ଫେରାଇ ଦିଅନ୍ତି। ଏକମତ ଗଠନର ଅଂଶଗ୍ରହଣକାରୀମାନେ ବେନାମୀ ଭାବରେ ବକ୍ତବ୍ୟକୁ ସ୍ୱୀକାର ଅଥବା ଅସ୍ୱୀକାର କରିବା ପାଇଁ ସ୍ୱାଧୀନ। କିଛି ଯୁକ୍ତି ସାହାଯ୍ୟରେ ଅନ୍ୟମାନଙ୍କୁ ଉତ୍ସାହିତ କରି ପାରନ୍ତି ସେମାନଙ୍କର ଚିନ୍ତାଧାରାକୁ ବଦଳାଇବା ପାଇଁ। ମଧ୍ୟସ୍ତ ବ୍ୟକ୍ତି ସମସ୍ତଙ୍କ ସମ୍ମୁଖରେ ସେହି ନୂତନ ସୃଷ୍ଟ ଏକମତକୁ ପ୍ରକାଶ କରନ୍ତି, ଏବଂ ଭିନ୍ନ ମତ ପୋଷଣକାରୀ ଅଂଶଗ୍ରହଣ କାରୀମାନେ ସେହି ଏକମତକୁ ଗ୍ରହଣ କରି ପାରନ୍ତି ଅଥବା କାହିଁକି ଅନ୍ୟମାନେ ସେମାନଙ୍କର ଚିନ୍ତାଧାରାକୁ ପରିବର୍ତ୍ତନ କରିବେ ସେ ବିଷୟରେ ପରବର୍ତ୍ତୀ ଯୁକ୍ତି-ତର୍କର ପ୍ରସ୍ତାବ ରଖିପାରନ୍ତି।

→ ଏହା ଫଳରେ ଦଳର ସବୁ ସଦସ୍ୟମାନେ ନିଜ ମାନଙ୍କର ମତାମତ ସ୍ୱାଧିନ ଭାବରେ ବ୍ୟକ୍ତ କରି ପାରନ୍ତି ଏବଂ ଅନ୍ୟ ମାନଙ୍କର ବେନାମୀ ସିଦ୍ଧାନ୍ତର ସମାଲୋଚନାପୂର୍ଣ୍ଣ ପ୍ରତିକ୍ରିୟା ଜାଣି ପାରନ୍ତି, ଯେଉଁଠାରେ ଦଳର ଅତ୍ୟନ୍ତ ପ୍ରଭାବଶାଳୀ ସଦସ୍ୟମାନଙ୍କୁ ଏବଂ ବୟସ୍କ ପଦାଧିକାରୀ ମାନଙ୍କର ମତାନୁମତକୁ ପରିହାର କରାଯାଏ।

**ବେଶ କେତେଥର ପୁନରାବୃତ୍ତି** କରିବା ଦ୍ୱାରା, ସାଧାରଣତଃ ଚାରିଥରରୁ ଅଧିକ ନୁହେଁ, ଚିନ୍ତାଧାରାର ଐକତାର ମୂଳ ବୁଝାପଡ଼େ।

→ ଗୋଷ୍ଠି ମଧ୍ୟରୁ ପରିବର୍ତ୍ତନ ପାଇଁ ସୁପାରିଶ ଗ୍ରହଣ କରିବା, ଗ୍ରହଣକାରୀ ମାନଙ୍କର ବକ୍ତବ୍ୟକୁ ସମସ୍ତଙ୍କ ସାମନାରେ ପ୍ରକାଶ କରିବା, ମଧ୍ୟସ୍ତ ବ୍ୟକ୍ତି ବେନାମୀ ପୁନଃଉକ୍ତି ଏବଂ ନିୟନ୍ତ୍ରିତ ମତାମତ ଗୁଡ଼ିକୁ, ନୀତି ନିର୍ଦ୍ଧାରକ ଏବଂ ରୂପାୟନକାରୀ ମାନଙ୍କୁ ପୁନଃବିଚାର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଅନ୍ତି।

ଏହା ପରିଷ୍କାର ଭାବରେ ସମସ୍ତଙ୍କ ସାମନାରେ ନୀତି ପରିବର୍ତ୍ତନ ପାଇଁ ମନୋନୀତ ଅଗ୍ରଗଣ୍ୟତାକୁ ପ୍ରକାଶ କରେ - ଯାହା ଗ୍ରହଣକାରୀ ମାନଙ୍କ ପାଖରୁ ମିଳିଥାଏ ଏବଂ ନୀତି ନିର୍ଦ୍ଧାରକ ଓ ରୂପାୟନକାରୀ ମାନଙ୍କ ଦ୍ୱାରା ସନ୍ମତି ପ୍ରାପ୍ତ - ଯାହାର ଭିତ୍ତି ଉପରେ ନୀତି ପରିବର୍ତ୍ତନର ସିଦ୍ଧାନ୍ତ ଆଧାରିତ ଥାଏ।

### ଏହି ବିଷୟରେ ଅନ୍ୟାନ୍ୟ ତଥ୍ୟର ସୂତ୍ର:

- 'ଆର' ୮୧୦୦ ଜଳୀୟ କୃଷି ଦ୍ୱାରା ଗରୀବ ଲୋକମାନଙ୍କର ସେବାର ସୁଯୋଗ ପାଇଁ ଉନ୍ନତ ନୀତିର ସନ୍ଧାନ, ବାରୋଟି ରିପୋର୍ଟ ('ଆଇ.ଏସ୍.ବି.ଏନ୍' ୯୭୪-୭୩୧୩-୭୩-୪) http://www.streaminitiative.org/Library/India/india.html
- 'ଆର୍' ୮୩୩୪ ଗରୀବ ଲୋକମାନଙ୍କ ପାଇଁ ନୀତି ଶିକ୍ଷା କରିବା ବିଷୟରେ ଉତ୍ସାହ ପ୍ରଦାନ ଯାହା 'ଆର' ୮୧୦୦ରୁ ଏବଂ ଭାରତର ମୁଖ୍ୟ ନୀତି ନିର୍ଦ୍ଧାରକ ପାଖରୁ ପ୍ରାପ୍ତ, ଆଠଟି ରିପୋର୍ଟ http://www.streaminitiative.org/Library/pdf/pdf-india/StakeholdersMeeting.pdf


### ଏହି ଗୁଡ଼ିକ କେଉଁଠାରୁ ଆସିଛି ?

ନୀତି ସଂକ୍ଷିପ୍ତସାର ପର୍ଯ୍ୟାୟ ଗୁଡ଼ିକ ନେଟସ୍ୱାର୍କ ଅଫ ଏକୁଆ କାଲଚାର ସେନ୍‌ଟାରସ୍ ଇନ୍ ଏସିଆ ପ୍ୟାସିଫିକ୍ (ନାକା) ସାପୋର୍ଟ ଟୁ ରିଜିଓନାଲ ଏକୁଆଟିକ ରିସୋର୍ସ ମ୍ୟାନେଜମେଣ୍ଟ (ଷ୍ଟ୍ରୀମ୍) ଇନିସିଏଟିଭ ଦ୍ୱାରା ତିଆରୀ।

ନୀତି ସଂକ୍ଷିପ୍ତସାର ସଂଖ୍ୟା ୧ରେ ବର୍ଣ୍ଣନା କରାଯାଇଛି କୃଷକ, ମତ୍ସ୍ୟ କୃଷକ ସ୍ଥାନୀୟ, ଜିଲ୍ଲା, ରାଜ୍ୟ, କେନ୍ଦ୍ରୀୟ ସରକାର ଏବଂ ବେସରକାରୀ ଅଂଶୀଦାର ମାନଙ୍କର ଅଭିଜ୍ଞତା ଯାହା ଇଉ.କେ. ଗଭର୍ଣ୍ଣମେଣ୍ଟ ଡ଼ି.ଏଫ.ଆଇ.ଡ଼ି ନ୍ୟାଚୁରାଲ ରିସୋର୍ସେସ୍ ସିଷ୍ଟମ ପ୍ରୋଗ୍ରାମ ପ୍ରଜେକ୍ଟ 'ଆର' ୮୧୦୦ "ଜଳୀୟ କୃଷି ଦ୍ୱାରା ଗରୀବ ଲୋକମାନଙ୍କର ସେବାର ସୁଯୋଗ ପାଇଁ ଉନ୍ନତ ନୀତିର ସନ୍ଧାନ" (ସମୟ ସୀମା ଥିଲା ମାର୍ଚ୍ଚ ୨୦୦୨ରୁ ଏପ୍ରେଲ ୨୦୦୩)ରୁ ପ୍ରାପ୍ତ, ଯାହାର ଉଦ୍ଦେଶ୍ୟ ଥିଲା ଗ୍ରାମୀଣ ଜୀବିକାର ଉନ୍ନତିର ଲକ୍ଷ୍ୟ, ଉନ୍ନତ ଗ୍ରାମୀଣ ସେବା ପ୍ରଦାନର ଉଦ୍ଦେଶ୍ୟରେ ପଦ୍ଧତିର ଚିହ୍ନିତକରଣ, ପରୀକ୍ଷାମୂଳକ ବ୍ୟବହାର ଏବଂ ବ୍ୟବହାରରେ ଉତ୍ସାହ ପ୍ରଦାନ, ଯେଉଁଠାରେ ଜଳୀୟ କୃଷିର ସାହାଯ୍ୟକାରୀ ସେବା ଉପରେ ବେଶୀ ଗୁରୁତ୍ୱ ଦିଆ ହୋଇଥିଲା। ବିସ୍ତୃତ ତଥ୍ୟ ଜାଣିବା ପାଇଁ ଦେଖନ୍ତୁwww.streaminitiative.org/Library/India/india.html ଅଥବା ଯୋଗାଯୋଗ କରନ୍ତୁ-

ଷ୍ଟ୍ରୀମ୍, ନାକା, ସରସ୍ୱାଦୀ ବିଲ୍ଡିଂ, ମତ୍ସ୍ୟ ବିଭାଗୀୟ ପରିଷଦ, କ୍ୟାସାଟ୍ ସାଟ୍ ବିଶ୍ୱବିଦ୍ୟାଳୟ ଲାଦେୟୋ, ଜାତୁଜକ, ବ୍ୟାଙ୍ଗକକ୍ ୧୦୯୦୦ ଥାଇଲାଣ୍ଡ, ଫେକ୍ସ (୬୬୨) ୫୬୧-୧୭୨୭, ଫୋନ୍ (୬୬୨) ୫୬୧-୧୭୨୮